IJCRM
International Journal of Contemporary Research In Multidisciplinary

*Research Article*

# ଓଡ଼ିଆ ଭାଷା ଆନ୍ଦୋଳନରେ ସମ୍ବାଦପତ୍ର ଓ ପତ୍ର ପତ୍ରିକାର ଭୂମିକା

**ଡଃ. ସୁଚିତ୍ରା ମହାନ୍ତି**
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା, ଓଡ଼ିଶା ଭାରତ

**Corresponding Author:** * ଡଃ. ସୁଚିତ୍ରା ମହାନ୍ତି

**DOI:** https://doi.org/10.5281/zenodo.20372454

**ସାରାଂଶ**

ଭାଷା ହେଉଛି ସାହିତ୍ୟର ବାହକ । ମନୁଷ୍ୟ ବାଗ୍ ଯନ୍ତ୍ର ନିଃସୃତ ଅର୍ଥାବହ ଧ୍ୱନି ସମଷ୍ଟି ହେଉଛି ଭାଷା । ବିଭିନ୍ନ ସମୟରେ ଏହି ଭାଷାର ପରିବର୍ତ୍ତନ ଘଟିଛି । ଓଡ଼ିଆ ଭାଷା ଓଡ଼ିଆ ଜାତିର ଉଦ୍ଭବ ସହିତ ସୃଷ୍ଟି ହୋଇଛି । ଖ୍ରୀ.ପୂ. ତୃତୀୟ ଦଶକରୁ ଅଶୋକଙ୍କର ଅନୁଶାସନ ଓଡ଼ିଶାର ପ୍ରାଚୀନତମ ଭାଷା ଓ ଲିପିର ସଙ୍କେତ ବହନ କରିଛି ଏବଂ ପର୍ଯ୍ୟାୟକ୍ରମେ ଏହାର କ୍ରମବିକାଶ ମଧ୍ୟ ହୋଇଛି । ଭାଷା ଆନ୍ଦୋଳନ ସମୟରେ ସମ୍ବାଦପତ୍ର ଓ ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଖିବାକୁ ମିଳିଥାଏ । ଓଡ଼ିଆ ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ସମ୍ପାଦିତ ଉତ୍କଳଦୀପିକା, ଫକୀର ମୋହନ ସେନାପତିଙ୍କ ସମ୍ପାଦିତ ସମ୍ବାଦବାହିକା, ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ସମ୍ପାଦିତ ଉତ୍କଳ ପୁତ୍ର, ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦିତ ସମ୍ବଲପୁର ହିତୈଷିଣୀ, ଭୂପତି ନାଥ ବସୁଙ୍କ ସମ୍ପାଦିତ ନବ ସମ୍ବାଦ, ବୈକୁଣ୍ଠ ନାଥ ଦେଙ୍କ ସମ୍ପାଦନାରେ ପ୍ରକାଶିତ ଉତ୍କଳ ଦର୍ପଣ ପ୍ରଭୃତିଙ୍କ ଅବଦାନ ଅତୁଳନୀୟ ।

**Manuscript Information**

- **ISSN No:** 2583-7397
- **Received:** 08-09-2025
- **Accepted:** 20-10-2025
- **Published:** 25-10-2025
- **IJCRM:**4(5); 2025: 657-660
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡଃ. ସୁଚିତ୍ରା ମହାନ୍ତି . ଓଡ଼ିଆ ଭାଷା ଆନ୍ଦୋଳନରେ ସମ୍ବାଦପତ୍ର ଓ ପତ୍ର ପତ୍ରିକାର ଭୂମିକା. Int J Contemp Res Multidiscip. 2025;4(5):657-660s.

**Access this Article Online**

www.multiarticlesjournal.com

**ପ୍ରାସଙ୍ଗିକ ଶବ୍ଦାବଳୀ:** ଭାଷା, ଭାଷା ଆନ୍ଦୋଳନ, ସମ୍ବାଦପତ୍ର, ପତ୍ରପତ୍ରିକା, ସୁରକ୍ଷା ପ୍ରଭୃତି

## ପ୍ରସ୍ତାବନା

ଉନବିଂଶ ଶତାବ୍ଦୀରେ ଓଡ଼ିଶାରେ ଭାଷା ଆନ୍ଦୋଳନ ଏବଂ ସମ୍ବାଦପତ୍ର ଓ ପତ୍ରପତ୍ରିକାର ଭୂମିକା ପର୍ଯ୍ୟାଲୋଚନା କରିବା ଅବସରରେ ତାହାର ଐତିହାସିକ ପୃଷ୍ଠଭୂମି, ଉତ୍କଳୀୟ ସମାଜର ମହତ୍ୱ ଓ ଇତିହାସ ପ୍ରତି ଦୃଷ୍ଟି ପ୍ରଦାନ କରିବା ଉଚିତ୍ । କାରଣ ଉନବିଂଶ ଶତାବ୍ଦୀ ହିଁ ଓଡ଼ିଶାର ଜନଜୀବନରେ ଆଶା ଓ ଆଲୋକର ପ୍ରଚଣ୍ଡ ସଂଘର୍ଷମୟ ଅନ୍ତର୍ଲିପି । ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ସାମାଜିକ ଜୀବନରେ ନବ ଜାଗରଣର ସୂତ୍ରପାତ ହୋଇଥିଲା । ଏହି ନବ ଜାଗରଣ ଦ୍ୱାରା ଦେଶରେ ଇଂରାଜୀ ଶିକ୍ଷାର ପ୍ରଚାର ଓ ପ୍ରସାର ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଏବଂ ଆନ୍ତର୍ଜାତିକ ଚେତନାର ପ୍ରତିଫଳନ । ଫଳରେ ଏହି ଦେଶର ଏକ ନବ୍ୟ ଶିକ୍ଷିତ ଗୋଷ୍ଠୀ ୧୮୬୫-୬୬ ମସିହା ବେଳକୁ ଓଡ଼ିଶାରେ ଘଟିଥିବା ପ୍ରଚଣ୍ଡ ଦୁର୍ଭିକ୍ଷ ଏବଂ ସାଂସ୍କୃତିକ ଅବକ୍ଷୟର ସଫଳତାର ସହିତ ମୁକାବିଲା କରିବାକୁ ସମର୍ଥ ହୋଇପାରିଥିଲା । ତାହା ଅନୁଶୀଳନ ନ କଲେ ଓଡ଼ିଶାର ସଂସ୍କୃତି ଓ ଇତିହାସର ସ୍ୱତନ୍ତ୍ରତାକୁ ବୁଝି ପାରିବା କଷ୍ଟକର


© 2025 ଡଃ. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ବ୍ୟାପାର ହେବ ।  ସମ୍ବାଦପତ୍ର ଓ ପତ୍ରପତ୍ରିକା ଜନସାଧାରଣଙ୍କର ସଂଯୋଗ ସେତୁ, ମୁଖପତ୍ର, ସାଂସ୍କୃତିକ ଜୀବନର ଦର୍ପଣ ଏବଂ ଅନ୍ତର୍ନିହିତ ଚିନ୍ତା ଚେତନାର ବାର୍ତ୍ତାବହ । ଦିଗ୍ ବିଜୟୀ ନେପୋଲିୟନଙ୍କ ମତରେ ଗୋଟିଏ ବିରୋଧୀ ସମ୍ବାଦପତ୍ର ଯଥାର୍ଥରେ ସ୍ୱୟୀ ପକ୍ଷ ସୈନ୍ୟ ବାହିନୀର ବଳବୁଦ୍ଧି ଅପେକ୍ଷା ଆହୁରି ଶକ୍ତିଶାଳୀ । ବିଦ୍ରୋହ, ବିପ୍ଳବ, ଗୁପ୍ତ ରାଜନୈତିକ ଷଡ଼ଯନ୍ତ୍ରର ଭ୍ରୁଣ ସଂଚାରକାରୀ ଆୟୁଧ ଭାବରେ ସମ୍ବାଦପତ୍ର ପ୍ରସାର ନିରଙ୍କୁଶ, ଏକଛତ୍ରବାଦୀ ଶାସକବର୍ଗଙ୍କୁ ବିବ୍ରତ କରିଥାଏ । ଇଂରେଜ ସାହେବ ୱାରେନ୍ ହେଷ୍ଟିଙ୍ଗସ୍ ତଥା ଲର୍ଡ ୱେଲସଲି ଭାରତରେ ସମ୍ବାଦପତ୍ର ପ୍ରକାଶରେ ଆଦୌ ଆଗ୍ରହୀ ନ ଥିଲେ । ସେମାନେ ଜାଣିଥିଲେ ପରାଧୀନ ଗ୍ରସ୍ତ ଲୋକମାନେ ଯଦି ନିଜର ଅବସ୍ଥାକୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ମାଧ୍ୟମରୂପୀ ଦର୍ପଣରେ ଦେଖିବାର ସୁଯୋଗ ପାଇବେ ତେବେ ସେମାନଙ୍କୁ ଭବିଷ୍ୟତରେ ଆୟତ୍ତ କରିବା ସମ୍ଭବପର ହେବନାହିଁ।

୧୮୬୬ର ପ୍ରଳୟଙ୍କାରୀ ନଅଙ୍କ ଦୁର୍ଭିକ୍ଷରେ ଏ ଦେଶର ଜନସାଧାରଣ ଯେତେବେଳେ ପୋକ, ମାଛି ପରି ଟଳି ପଡ଼ିଛନ୍ତି, ସେତେବେଳେ ବେଡ଼ି ଉପରେ କୋରଡ଼ା ମାଡ଼ ପରି ଓଡ଼ିଆ ଭାଷାକୁ ତାର ଜନ୍ମମାଟିରୁ ତଡ଼ିଦେବା ପାଇଁ ଓଡ଼ିଆ ଭାଷାବିରୋଧୀ ସ୍ୱାର୍ଥାନ୍ୱେଷୀ ବଙ୍ଗାଳୀ ବ୍ୟକ୍ତିମାନଙ୍କର ଅପଚେଷ୍ଟା ଆରମ୍ଭ ହୋଇଯାଇଥିଲା । ଏପରିକି ତଥା କଥିତ ବଙ୍ଗାଳୀବାସୀମାନେ ଉଡିୟା ସ୍ୱତନ୍ତ୍ର ଭାଷା ନୁହେଁ ର ଆନ୍ଦୋଳନ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରି ବିହାର ଏବଂ ବେଙ୍ଗଲରେ ମିଶାଇ ତାର ସ୍ୱତନ୍ତ୍ରତା ତଥା ଅସ୍ତିତ୍ୱ ଲୋପ କରିବାର ପ୍ରୟାସ ହୋଇଥିଲା । ଏତଦ୍ ବ୍ୟତୀତ ଏ ସମୟରେ ଯଦି ଉତ୍କଳୀୟମାନେ ପତ୍ରପତ୍ରିକା ପ୍ରକାଶ କରିନଥାନ୍ତେ କିମ୍ବା ଓଡ଼ିଆ ଭାଷା ବିରୋଧୀ କତିପୟ ଲଘୁ ଦୃଷ୍ଟି ସମ୍ପନ୍ନ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କର ଉଡିୟା ସ୍ୱତନ୍ତ୍ର ଭାଷାନୟର ବିକୃତ ସ୍ୱରକୁ ନର୍ଭୀକତା ଏବଂ ବିଶୁଦ୍ଧ ପ୍ରେମ ସହିତ ଚାପି ଦେଇନଥାନ୍ତା । ତା'ହେଲେ ସବୁଦିନ ପାଇଁ ଓଡ଼ିଆ ଭାଷା, ଓଡ଼ିଆ ଜାତି ସ୍ୱକୀୟ ଆତ୍ମନିୟନ୍ତ୍ରଣ କରିବା ଅଧିକାରରୁ ଏବଂ ଜାତୀୟ ଐଶ୍ୱର୍ଯ୍ୟରୁ ବଞ୍ଚିତ ହୋଇଥାନ୍ତା ।

ବଙ୍ଗ ପ୍ରଦେଶର ଶ୍ରୀରାମପୁର ମିଶନ ପ୍ରେସରୁ  ଓଡ଼ିଆ ଭାଷାରେ ଖ୍ରୀଷ୍ଟଧର୍ମ ଗ୍ରନ୍ଥ ଓ କେତୋଟି ପାଠ୍ୟପୁସ୍ତକ ମୁଦ୍ରିତ ହୋଇଥିବା ଜଣାଯାଏ । କଟକରେ ମୁଦ୍ରଣ ଯନ୍ତ୍ର ସ୍ଥାପନର ୧୨ ବର୍ଷ ପରେ ମିଶନାରୀମାନଙ୍କ ଦ୍ୱାରା ମାସିକ ପତ୍ରିକା ଜ୍ଞାନାରୁଣ (୧୮୪୯) ଓ ପରେ ପ୍ରବୋଧ ଚନ୍ଦ୍ରିକା (୧୮୫୬), ଅରୁଣୋଦୟ (୧୮୬୧) ପ୍ରକାଶିତ ହୋଇଥିଲା । ମୁଦ୍ରିତ ପତ୍ର ପତ୍ରିକା ପ୍ରକାଶନ ପୂର୍ବରୁ କେବଳ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ କୁଜୀବର ପତ୍ର ନାମକ ଏକ ହାତଲେଖା ପତ୍ରିକା ପ୍ରଚଳନର ସୂଚନା ମିଳେ।

ଉତ୍କଳ ଦୀପିକାର ପ୍ରଥମ ପ୍ରକାଶନ ସମୟରୁ ଏହାର ମୁଦ୍ରିତ ପୃଷ୍ଠା ଗୁଡ଼ିକ ଆଧୁନିକ ସମ୍ବାଦପତ୍ରର ବିଭିନ୍ନ ବିଭବ ବହନ କରିଥିଲା । ଭାରତର ସମ୍ବାଦପତ୍ର ପ୍ରକାଶନର ଜନ୍ମକାଳରେ ବ୍ୟକ୍ତି ବିଶେଷଙ୍କ କୁତ୍ସାରଟନା, ଚରିତ୍ର ସଂହାର ତଥା କାମଳ ସାମ୍ବାଦିକତାର ଦୁର୍ଗୁଣ ମାନମଧ୍ୟ ଦେଖା ଦେଇଥିଲା । କିନ୍ତୁ ଉତ୍କଳ ଦୀପିକା କ୍ଷେତ୍ରରେ ସୁସ୍ଥ ସାମ୍ବାଦିକତା ପରମ୍ପରାର ସନ୍ଧାନ ମିଳେ । ନଅଙ୍କ ଦୁର୍ଭିକ୍ଷ ଅବସରରେ ୧୮୬୬ ରୁ ୧୮୭୦ ମସିହା ଯାଏଁ ଉତ୍କଳଦୀପିକା ଏକ ପକ୍ଷରେ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶା ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥିବାବେଳେ ଅନ୍ୟପକ୍ଷରେ ସରକାରଙ୍କ ଜନହିତକର କାର୍ଯ୍ୟକଳାପର ବିବରଣୀ ଜନସାଧାରଣରେ ପ୍ରଚାର କରୁଥିଲା । ଓଡ଼ିଆ ଭାଷା ଆନ୍ଦୋଳନ, ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ, ଓଡ଼ିଶାରେ ଶିକ୍ଷାର ପ୍ରସାର ଏବଂ ଓଡ଼ିଆ ଭାଷା ଭାଷୀଙ୍କ ଏକତ୍ରୀକରଣ ଇତ୍ୟାଦି ଯୋଗୁଁ ଅନ୍ୟ ସମସାମୟିକ ଉତ୍କଳଦୀପିକା ସଂପୃକ୍ତ ରହିବା ଯୋଗୁଁ ଅନ୍ୟ ସମସାମୟିକ ପତ୍ରପତ୍ରିକାଗୁଡ଼ିକ ମଧ୍ୟ ଅନୁରୂପ ଦିଗ ପ୍ରତି ଧ୍ୟାନ ଦେଇଥିଲେ । ଉତ୍କଳଦୀପିକା ଦ୍ୱାରା ଅନୁସୃତ ଏହି ପରମ୍ପରା ଉନବିଂଶ ଶତାବ୍ଦୀର ଅନ୍ୟାନ୍ୟ ସମସାମୟିକ ଓଡ଼ିଆ ପତ୍ର ପତ୍ରିକା ଗୁଡ଼ିକରେ ମଧ୍ୟ ପ୍ରତିଫଳିତ ହୋଇଥିଲା । ୧୮୩୬ ମସିହାରେ ଓଡ଼ିଶାରେ ତୀବ୍ର ଭାବରେ ମୁଣ୍ଡଟେକି ଥିବା ଓଡ଼ିଶା ଭାଷା ଆନ୍ଦୋଳନ ବା ଓଡ଼ିଶା ଭାଷା ବିଲୋପ ଆନ୍ଦୋଳନର ଦୃଢ଼ ପ୍ରତିବାଦୀ ଭାବେ ତତ୍କାଳୀନ ଓଡ଼ିଆ ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ସମ୍ପାଦିତ ଉତ୍କଳଦୀପିକା, ଫକୀର ମୋହନ ସେନାପତିଙ୍କ ସମ୍ପାଦିତ ସମ୍ବାଦବାହିକା, ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ସଂପାଦିତ ଉତ୍କଳପୁତ୍ର, ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦିତ ସମ୍ବଲପୁର ହିତୈଷିଣୀ, ଭୂପତିନାଥ ବସ୍ତୁଙ୍କ ସଂପାଦିତ ନବ ସଂବାଦ, ଓଡ଼ିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା, ବୈକୁଣ୍ଠ ନାଥ ଦେଙ୍କ ସଂପାଦନାରେ ପ୍ରକାଶିତ ଉତ୍କଳ ଦର୍ପଣ ପ୍ରଭୃତିର ଅବଦାନ ଉଲ୍ଲେଖନୀୟ।

ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ କାରଣ ମଧ୍ୟରୁ ୧୮୭୦ ମସିହାରେ ବାଲେଶ୍ୱର ହାଇସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଉଡ଼ିଆ ସ୍ୱତନ୍ତ୍ର ଭାଷାନୟ ଗ୍ରନ୍ଥ ରଚନା କରି ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନକୁ ତୀବ୍ରତର କରିବା ବେଳେ କର୍ମଯୋଗୀ ଗୌରୀଶଙ୍କର ରାୟ ବଙ୍ଗ ଭାଷାଭାଷୀ ହୋଇଥିଲେ ହେଁ, ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନରେ କୁଠାରଘାତ କରେ । ସେ ତାଙ୍କ ସମ୍ପାଦତି ଉତ୍କଳଦୀପିକାରେ ବାସ୍ତବ ତଥ୍ୟ ଉପସ୍ଥାପନ କରି, ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନର ତୀବ୍ର ସମାଲୋଚନା କରି ଲେଖିଲେ ବିଶୁଦ୍ଧ ଓଡ଼ିଆ ଶବ୍ଦମାନ ଯେବେ ଥରେ ତାଙ୍କ (କାନ୍ତିଚନ୍ଦ୍ର) କର୍ଣ୍ଣ ପ୍ରବେଶ ହୋଇଥାଆନ୍ତା, ତେବେ ସେ ଏତେ ବଣା ହୁଅନ୍ତେ ନାହିଁ । ଏହି ଗ୍ରନ୍ଥରେ ପାଠକଙ୍କୁ ଏକ ପ୍ରକାର ପ୍ରତାରଣା କରି ଅଛନ୍ତି ବୋଲି କହିବାକୁ ହେବ । ନୋହିଲେ ସେ ଆପେ ଆପେ ପ୍ରତାରିତ ହୋଇଅଛନ୍ତି। ଯେହେତୁ କିଛି ଓଡ଼ିଆ ନ ଜାଣି ସବୁ ଜାଣିଥିବାର ପ୍ରକାଶ କରନ୍ତି । ଏଥିରୁ ବଳିକରି ଗାଲୁ ଆପଣ ଆଉ ଦେଖାନାହିଁ, ଏ ଦୁଇ ଭାଷାକୁ ପୃଥକ୍ ବୋଲିବାକୁ ହେବ ଓ କାନ୍ତିବାବୁ ଯେତେ ପୁସ୍ତକ ରଚନା କରନ୍ତୁ । ଦୁଇ ଭାଷା କଦାଚ୍ ଏକ ହୋଇ ନପାରିବା (ଉତ୍କଳ ଦୀପିକା - ୫ମ ଭାଗ ୯.୨୮.୭୦ ସଂଖ୍ୟା) ।

ବାଲେଶ୍ୱରରୁ ପ୍ରକାଶିତ ସମ୍ବାଦ ବାହିକାର ସଂପାଦକ ବ୍ୟାସକବି ଫକୀର ମୋହନ ସେନାପତି ଭାଷା ଆନ୍ଦୋଳନ ବା ଭାଷା ବିଲୋପ ଆନ୍ଦୋଳନ ଉପରେ ଦୃଢ଼ ହସ୍ତରେ ପ୍ରତିବାଦ ଜଣାଇଥିଲେ । କାନ୍ତିଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସେ ନିର୍ଭୀକ ସ୍ୱର ଶୁଣାଇଥିଲେ ଗ୍ରନ୍ଥ କର୍ତ୍ତା କେବେ ଶ୍ରମ କରିବାକୁ ସମ୍ମତ ହୋଇ ନାହାନ୍ତି । କେଡ଼େ ମୁର୍ଖ ପଣିଆ ! ବିଶୁଦ୍ଧ ଓଡ଼ିଆ ଶବ୍ଦମାନ ଯେବେ ଥରେ ତାହାଙ୍କ କର୍ଣ୍ଣରେ ପ୍ରବେଶ କରିଥାଆନ୍ତା, ତେବେ ଏତେ ବଣା ହୁଅନ୍ତେ ନାହିଁ, କିମ୍ବା ଗୁଡ଼ାଏ ତୁଚ୍ଛା ବଙ୍ଗଳା କଥା ଲେଖି ଯେବେ ଓଡ଼ିଆରେ ସେ ସବୁର ସମତୀ ଦେଖାଇ ଥାଆନ୍ତେ ତେବେ ହେଲେ ତାଙ୍କର କଥା କିଛି ଗ୍ରାହ୍ୟ ହୁଅନ୍ତା । ଗ୍ରନ୍ଥାକାର ଯେତେ ପକ୍ଷପାତ ଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରିଥାନ୍ତେ, ତେବେ ଜାଣିପାରନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆରେ ଯେଉଁ ପୁସ୍ତକାଦି ହେଉଅଛି, ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହେଉଥିବାରୁ ଏ ଦୁହିଁଙ୍କର ବିସ୍ତାର ମମତା ଦେଖାଯାଏ । ଶିକ୍ଷା ଲାଭ ନ କଲେ ଏଥିରେ ପ୍ରବେଶ ହୋଇପାରୁନାହାନ୍ତି । ସୁତରାଂ ଏ ଦୁଇ ଭାଷାକୁ ପୃଥକ ବୋଲିବାକୁ ହେବ ଓ କାନ୍ତିବାବୁ ଯେତେ ପୁସ୍ତକ ରଚନା କରନ୍ତୁ ଦୁଇ ଭାଷା କଦାଚ ଏକ ହୋଇ ନପାରିବ ।

ସେହିପରି ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କର ସମ୍ପାଦିତ ଉତ୍କଳପୁତ୍ରରେ ଲେଖିଥିଲେ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରଚଳିତ ରହିଲା, ଏତିକି ସେମାନଙ୍କ ପକ୍ଷରେ ଯଥେଷ୍ଟ ହୋଇଅଛି, ରାଜପୁରୁଷମାନେ ଯାହା ବିଚାର କରିବେ କରନ୍ତୁ । କି ଦୁଃଖର ବିଷୟ ବଙ୍ଗଭାଷାର ଯେତିକି ଉନ୍ନତି ପରିଲକ୍ଷିତ ହେଉଅଛି, ଏହାକି କେବଳ ରାଜପୁରୁଷଙ୍କ ଯତ୍ନରେ ନା, ସେ ଦେଶବାସୀମାନେ କିଛି ଚେଷ୍ଟା କରିଥିଲେ । (ଉତ୍କଳପୁତ୍ର - ୧୮୭୩ ମସିହା ପ୍ରଥମ ଭାଗ, ୨ୟ ସଂଖ୍ୟା, ମଇ ୧ ତାରିଖ) ଏହି ସମୟରେ ଭାଷା


© 2025 ଡଃ. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଆନ୍ଦୋଳନର ପ୍ରମୁଖ ପତ୍ରିକା ସମ୍ବଲପୁର ହିତୈଷିଣୀର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ ଯେତେବେଳେ ସମ୍ବଲପୁର ଅଞ୍ଚଳରେ ହିନ୍ଦୀ ଭାଷାର ପ୍ରଭାବ ସର୍ବତ୍ର ଅନୁଭୂତ ହେଉଥାଏ ଏବଂ କୋର୍ଟ କଚେରୀରେ ଭାଷା ମଧ୍ୟ ହିନ୍ଦୀ ହୋଇଯାଇଥାଏ ସେତେବେଳେ ଓଡ଼ିଶାକୁ ହିନ୍ଦୀ ଭାଷା କବଳରୁ ମୁକ୍ତ କରିବା ପାଇଁ ଏହାର ଉଦ୍ୟମ ଥିଲା ପ୍ରବଳ । ଏହାର ସମ୍ପାଦକ ଥିଲେ ନୀଳମଣି ବିଦ୍ୟାରତ୍ନ । ଓଡ଼ିଆ ଭାଷାର ମର୍ଯ୍ୟଦା ପ୍ରଚାର ଦିଗରେ ଏହି ପତ୍ରିକା ଉନବିଂଶ ଶତାବ୍ଦୀର ଶେଷ ଦଶକରେ ପ୍ରଶଂସନୀୟ କାର୍ଯ୍ୟ କରିଥିଲା । ଓଡ଼ିଆ ଭାଷା ଆନ୍ଦୋଳନରେ ଏହାର ଅବଦାନ ଅତୁଳନୀୟ ।

ସିଂହଭୂମିରେ ଓଡ଼ିଆ ଭାଷାଭାଷୀ ଜନତା ରହୁଥିବାବେଳେ, ସେଠାରେ ଓଡ଼ିଆ ଭାଷା ପ୍ରଚଳନକୁ ବିରୋଧ କରାଯାଇଥିଲା । ଏହି ବିରୋଧକୁ ବିଭିନ୍ନ ଆଡୁ ଓଡ଼ିଆମାନେ ସମାଲୋଚନା କରିଥିଲେ । ସେତେବେଳେ ନବସଂବାଦର ସଂପାଦକ ଭୂପତି ନାଥ ବସୁ ତୀବ୍ର ବିରୋଧ କରିବା ସଙ୍ଗେ ସଙ୍ଗେ, ସିଂହଭୂମିରେ ଓଡ଼ିଆ ଭାଷା ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଛୋଟ ନାଗପୁର ଅନ୍ତର୍ଗତ ସିଂହଭୂମ ଜିଲ୍ଲା ଓଡ଼ିଆ ପ୍ରଧାନ ସ୍ଥାନ ଥିବାବେଳେ ସେ ଜିଲ୍ଲାର କଚେରୀ ଓ ସ୍କୁଲ ସମୂହରେ ଓଡ଼ିଆ ଭାଷା ପ୍ରଚଳିତ ନଥିବାରୁ ଆଦିବାସୀମାନେ ଗୋଟିଏ ଜିଲ୍ଲାରେ ଓଡ଼ିଆ ଭାଇମାନେ ମାତୃଭାଷା ବ୍ୟବହାରରୁ ବଞ୍ଚିତ ଥିବା ଓଡ଼ିଆ ଜାତି ଓ ଭାଷା ପକ୍ଷରେ ସାମାନ୍ୟ କ୍ଷତିକାର ନୁହେଁ । ସୁବିବେଚକ ଗଭର୍ଣ୍ଣମେଣ୍ଟ ସେମାନଙ୍କ ନ୍ୟାୟ ସଙ୍ଗତ ଦାବୀକୁ ଗୁରୁତ୍ୱ ଦେବା ଆବଶ୍ୟକ । (ନବ ସମ୍ବାଦ ୧୯୧୪ ମସିହା ମାର୍ଚ୍ଚ ୧୮ ତାରିଖ ସଂଖ୍ୟା)

ଉତ୍କଳ ଦର୍ପଣ ପତ୍ରିକାରେ ଆଧୁନିକ ଓଡ଼ିଆ ଭାଷାକୁ ସାହିତ୍ୟ ମାଧ୍ୟମରେ ଲୋକ ଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯାଇଥିଲା । ଏହାର ସମ୍ପାଦକ ଥିଲେ ବୈକୁଣ୍ଠନାଥ ଦେ । କ୍ଷେତ୍ରରେ ନିରୁତ୍ସାହିତ କରୁଥିବାବେଳେ, କବିବର ରାଧାନାଥ ରାୟଙ୍କ ପ୍ରେରଣାରେ ଉଦ୍ ବୁଦ୍ଧ ହୋଇ ଏହାର ପ୍ରକାଶନ ଦିଗରେ ସେ ଅଣ୍ଟା ଭିଡ଼ିଥିଲେ ।

୧୮୯୭ ଜାନୁଆରୀ ମାସରେ ବାଗ୍ମୀ ବିଶ୍ୱନାଥ କରଙ୍କର ସଂପାଦକ ଉତ୍କଳ ସାହିତ୍ୟ ପତ୍ରିକାରେ ବଜ୍ର ସ୍ୱର ଶୁଣାଗଲା । ଏକ ଆଡ଼େ ପ୍ରାଚୀନ ମଧ୍ୟରୁ ଗ୍ରହଣୀୟ ବସ୍ତୁ ହରଣ କରିବା ଅନ୍ୟଆଡ଼େ ଉନ୍ନତ ଯୁଗର ଭାବ ଓ ଚିନ୍ତା ସାଧାରଣ ପାଠକଙ୍କ ନିକଟରେ ଉପସ୍ଥାପିତ କରିବା ଏକାନ୍ତ କର୍ତ୍ତବ୍ୟ । ମାସିକ ପତ୍ର ସାହିତ୍ୟ ବିକାଶର ନାୟକ ଓ ଏହାର ସମାଜର ସାହିତ୍ୟ ସମୃଦ୍ଧିର ପରିଚାୟକ । (ଉତ୍କଳ ସାହିତ୍ୟ - ୧ମ ଭାଗ ୧୮୯୭ ୧ମ ସଂଖ୍ୟା) ।

ସେହିଭଳି ବ୍ରଜସୁନ୍ଦର ଦାସଙ୍କ ସଂପାଦିତ ମୁକୁର ପତ୍ରିକା ୧୯୦୬ ମସିହା ଏପ୍ରିଲ ମାସରେ ପ୍ରକାଶ ଲାଭ କରିଥିଲା ଓ ୧୯୧୫ ମାର୍ଚ୍ଚ ମାସରେ ପ୍ରକାଶ ପାଇଲା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଂପାଦକ ସତ୍ୟବାଦୀ ପତ୍ରିକା । ଏହି ପତ୍ରିକା ଦ୍ୱୟ ଓଡ଼ିଆ ଭାଷା ଆନ୍ଦୋଳନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମାର୍ଜିତ ଓଡ଼ିଆ ଭାଷା ବ୍ୟବହାର ପ୍ରତି ସତ୍ୟବାଦୀ ଗୁରୁତ୍ୱ ଦେଉଥିଲା । ଏହା ସହିତ ଉତ୍କଳ ମଧୁପ ଶିକ୍ଷା ବନ୍ଧୁ ଓ ଦୀପକ, ପ୍ରଭୃତି ପତ୍ରପତ୍ରିକା ଗୁଡ଼ିକ ଭାଷା ଆନ୍ଦୋଳନ ଓ ଭାଷା ସୁରକ୍ଷା ଦିଗରେ ପଦକ୍ଷେପ ନେଇଥିଲା । କବି ଶେଖର ଚିନ୍ତାମଣି ମହାନ୍ତିଙ୍କ ସମ୍ପାଦିତ ସ୍ୱଦେଶ ଲକ୍ଷ୍ମୀ, ମନୋରମା, ହିତବାଦିନୀ, ଉତ୍କଳବାସୀ ଓ ଜ୍ଞାନଦର୍ପଣ ପତ୍ରପତ୍ରିକାରେ ଓଡ଼ିଆ ଭାଷା ସାହିତ୍ୟକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଥିଲେ ।

ଯେତେବେଳେ ବଙ୍ଗଳାରେ ୩୮୦ ଖଣ୍ଡ ପୁସ୍ତକ ତିନିମାସ ଭିତରେ ପ୍ରକାଶ ପାଇଥିଲା । ସେତେବେଳେ ସେହି ସମୟ ଭିତରେ ଓଡ଼ିଆ ଭାଷାର ମାତ୍ର ତିନି କି ଚାରିଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଥିଲା । ସେତେବେଳେ ଅଧିକ ସଂଖ୍ୟକ ପୁସ୍ତକ ଓଡ଼ିଆ ଭାଷାରେ ରଚିତ ହେବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନିଆନଯାଇ, ବରଂ ଓଡ଼ିଆ ଭାଷାରେ ଅଧିକ ପୁସ୍ତକ ରଚିତ ହୋଇ ପାରିବ ନାହିଁ ବୋଲି କେତେ ଜଣ ବଙ୍ଗାଳୀ ସରକାରୀ କର୍ମଚାରୀମାନେ ମନ୍ତବ୍ୟ ଦେଉଥିଲେ । ତେଣୁ ଉତ୍କଳ ଦୀପିକା ପତ୍ରିକାରେ ଉଲ୍ଲେଖ ଅଛି - ଏକ ଭାଗ ବଙ୍ଗଳା ଗଭର୍ଣ୍ଣମେଣ୍ଟ ହସ୍ତେ, ବରଂ ଅନ୍ୟ ଏକ ଭାଗ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉନାହିଁ । ସୁତରାଂ ଉତ୍କଳଭାଷା ଦୁଇଘର କୁଣିଆ ହୋଇ ଉପବାସ ରହୁଅଛି । (ଉତ୍କଳ ଦୀପିକା - ୧୮୬୯ ମସିହା ମାର୍ଚ୍ଚ ୧୩ ତାରିଖ ସଂଖ୍ୟା)

ଏହି ପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ସଫଳ ହୋଇପାରିଛି । ୧୮୩୬ ମସିହାରୁ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଆରମ୍ଭ ହୋଇ ୧୮୮୬ ମସିହାରେ ଏହାର ରୂପ ଅତ୍ୟନ୍ତ ଭୟଙ୍କର ହୋଇଥିଲା । ଓଡ଼ିଆ ଭାଷାର ମହତ୍ତ୍ୱ ଓ ଗୌରବ ଅନ୍ୟ ଭାଷାଭାଷୀମାନଙ୍କଠାରେ ଯେପରି ପରିଚିତ ହୋଇପାରିବ, ସେଥିପାଇଁ ଚକ୍ରାନ୍ତ ଚାଲିଥାଏ । ଭାଷାକୁ କେନ୍ଦ୍ର କରି ଜାତୀୟତାର ଅଭ୍ୟୁଦୟ ସମ୍ଭବ ହେଉଥିବା ବେଳେ, ଏପରି ଜାତୀୟତାର ଅଭ୍ୟୁଦୟ ବିରୁଦ୍ଧରେ ୧୮୬୮ ମସିହା ଡିସେମ୍ବର ୫ ତାରିଖରେ କଟକ ଡିବେଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏକ ସଭାରେ ଗବେଷକ ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଆ ଭାଷା ଜାତୀୟତାର ଅଭ୍ୟୁଦୟ ପାଇଁ ସହାୟକ ହେବା ସମ୍ଭବ ନୁହେଁ, ବରଂ ବଙ୍ଗଳା ଭାଷା ଏଥିପାଇଁ ଯଥାର୍ଥ ବୋଲି ମତ ଦେଇଥିଲେ । ତାଙ୍କର ଅଯଥା ଯୁକ୍ତି ଥିଲା - ଏକ ମିଥ୍ୟା ଜାତୀୟତା ଭାବ କିମ୍ବା ଜାତୀୟତା ନାମରେ ପ୍ରତ୍ୟେକ ଜିନିଷ ପ୍ରତି ଅନ୍ଧ ଅନୁରାଗ ଜାତିର ପ୍ରକୃତ ଉନ୍ନତି ଦିଗରେ ଘୋର କ୍ଷତିକାରକ । ଓଡ଼ିଆମାନଙ୍କର କ୍ଷୁଦ୍ର ଉପଭାଷା ଏକ ସ୍ୱତନ୍ତ୍ର ଭାଷାରେ ପରିଣତ କରିବାର ଉଦ୍ୟମ ହିଁ ସେମାନଙ୍କର ବହୁ କ୍ଷତି କରୁଛି । (ଓଡ଼ିଆ ସାହିତ୍ୟର ଇତିହାସ - ଡଃ ନଟବର ସାମନ୍ତରାୟ - ପୃଷ୍ଠା ୨୨୫-୨୨୬)

ଏହି ସମୟରେ କର୍ମଯୋଗୀ ଗୌରୀଶଙ୍କର ରାୟ ବଙ୍ଗ ଭାଷା ଭାଷୀ ହୋଇଥିଲେ ହେଁ, ବାସ୍ତବ ତଥ୍ୟ ତାଙ୍କ ସଂପାଦିତ ଉତ୍କଳ ଦୀପିକାରେ ଉପସ୍ଥାପନ କରି, ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନର ତୀବ୍ର ସମାଲୋଚନା କରି ତାର କଡ଼ା ଜବାବ ମଧ୍ୟ ଦେଇଥିଲେ ।

କାନ୍ତିଚନ୍ଦ୍ରଙ୍କ ଗ୍ରନ୍ଥକୁ ସମାଲୋଚନା କରି ତତ୍କାଳୀନ ସ୍କୁଲ ଇନିସ୍ପେକ୍ଟର ଭୂଦେବ ମୁଖୋପାଧ୍ୟାୟ ତାଙ୍କ ସମ୍ପାଦନାରେ କଲିକତାରୁ ପ୍ରକାଶ ପାଉଥିବା ଏଡୁକେଶନ ଗେଜେଟରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିଲେ । ସେତେବେଳେ ଏହି ସମ୍ବାଦପତ୍ର ପ୍ରତି ଏକ ଦେଶଦର୍ଶୀ ତଥା ହୀନ ଚକ୍ରାନ୍ତର ସ୍ତାବକ ବଙ୍ଗ ଭାଷାଭାଷୀମାନେ ବିରୋଧାଚରଣ କରିବା ସହିତ, ଏହାର କ୍ଷତି ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଭୂଦେବ ବାବୁ ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ଅନୁରାଗୀ ବିଦଗ୍ଧ ପାଠକ ଥିଲେ । ଓଡ଼ିଆ ଭାଷାର ଗୌରବ ସେ କବିବର ରାଧାନାଥ ରାୟଙ୍କଠାରୁ ଶୁଣି ଭାଷା ପ୍ରତି ଆକୃଷ୍ଟ ହୋଇଥିଲେ । ଶିକ୍ଷାନୁଷ୍ଠାନ ପରିଦର୍ଶନରେ ଆସିବା ଅବସରରେ କବିବର ରାଧାନାଥଙ୍କ ସହିତ ତାଙ୍କ ସାକ୍ଷାତ ହୁଏ । ତାଙ୍କ ସଂପାଦିତ ଏଡୁକେଶନ ଗେଜେଟ୍ ରେ ଯାହା ମନ୍ତବ୍ୟ ଦେଇଥିଲେ, ତାର ଓଡ଼ିଆ ଅନୁବାଦ କରି ଗୌରୀଶଙ୍କର ଓଡ଼ିଆବାସୀଙ୍କ ଗୋଚରାର୍ଥେ ୧୯୭୦ ମସିହା ଅପ୍ରେଲ ୩୦ ସଂଖ୍ୟା ଉତ୍କଳଦୀପିକାରେ ପ୍ରକାଶ କରିଥିଲେ। ଭୂଦେବଙ୍କ ମନ୍ତବ୍ୟ ଥିଲା - ଆମ୍ଭମାନଙ୍କ ବିବେଚନାରେ କାନ୍ତିବାବୁ ଯେଉଁ ପ୍ରଣାଳୀରେ ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ପ୍ରମାଣ କରିଅଛନ୍ତି, ସେ ପ୍ରଣାଳୀ ଅବଲମ୍ବନ କଲେ ଓଡ଼ିଆ କାହିଁକି ହିନ୍ଦୀ ମଧ୍ୟ ସ୍ୱତନ୍ତ୍ର ଭାଷା ନୁହେଁ, ଏକଥା ପ୍ରମାଣ ହୋଇପାରେ । କାନ୍ତିଚନ୍ଦ୍ରଙ୍କ ପଦ୍ଧତିରେ ବିଚାରି ବସିଲେ, ଓଡ଼ିଶା ଦେଶରେ ଯେପରି ବଙ୍ଗଳା ପ୍ରଚଳିତ ହେବା ଉଚିତ୍ ବୋଲି ପ୍ରତିପନ୍ନ ହୋଇଅଛି, ସେହିପରି ବଙ୍ଗଳା ଓ ଓଡ଼ିଆ ଉଭୟ ଦେଶରେ ହିନ୍ଦି ପ୍ରଚଳିତ ହେବା ଉଚିତ ବୋଲି ମଧ୍ୟ ପ୍ରତିପନ୍ନ ହୋଇପାରେ । ସେ ଯେଉଁ ସ୍ଥଳରେ ଓଡ଼ିଆ ଓ ବଙ୍ଗଳାର ମେଳ ଦେଖି ଅଛନ୍ତି, ସେ ସ୍ଥଳରେ କାହିଁକି ବଙ୍ଗଳା କହିଅଛନ୍ତି । ଯେଉଁ ସ୍ଥଳରେ ଭିନ୍ନ


© 2025 ଡଃ. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ରୂପରେ ଦେଖି ଅଛନ୍ତି, ସେହି ସ୍ଥଳରେ ଓଡ଼ିଆକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ କହି ଅଛନ୍ତି । ଏହା କଣ ବିଚାର ଭୀତି ? ଯେଉଁ ସ୍ଥଳରେ ବଙ୍ଗଳା କାହିଁକି, ଓଡ଼ିଆ ଅପଭ୍ରଂଶ ନ ହେଲା ? ଏହାଠାରୁ ଆଉ ଅଧରକ କଣ ବିଦ୍ୱାନ ଭୂଦେବ ବାବୁ କାନ୍ତି ଚନ୍ଦ୍ରଙ୍କୁ କହି ପରିଥାନ୍ତେ?

ଓଡ଼ିଶାବାସୀଙ୍କ ଉଦ୍ୟମରେ ଓଡ଼ିଆ ଭାଷାକୁ ଉପଯୁକ୍ତ ସମ୍ମାନ ଦେବାପାଇଁ ସବୁବେଳେ ପ୍ରଚେଷ୍ଟା ଚାଲିଥିଲା । ଏହାକୁ ଅଣ ଓଡ଼ିଆ ବୁଦ୍ଧିଜୀବିମାନେ ମଧ୍ୟ ସମର୍ଥନ ଜଣାଇଥିଲେ । ଇଂରେଜ ସରକାରୀ କର୍ମଚାରୀମାନେ ମଧ୍ୟ ଏ ଦିଗ ପ୍ରତି ଅଧିକ ଧ୍ୟାନ ଦେଇଥିଲେ । କିନ୍ତୁ ବଙ୍ଗଭାଷାଭାଷୀ ବା ବଙ୍ଗାଳୀ ଭାଷା ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାକୁ ଓଡ଼ିଶାରେ ପ୍ରଚଳନ ପାଇଁ ବିରୋଧ କରୁଥିଲେ । ଓଡ଼ିଶା ଭାଷା ପ୍ରଚଳନକୁ ବିରୋଧ କରି, ଅଣ ଓଡ଼ିଆ ସରକାରୀ କର୍ମଚାରୀମାନେ ଓଡ଼ିଆରେ ପାଠ୍ୟ ପୁସ୍ତକ ରଚନା ପ୍ରତି ଆଗ୍ରହୀ ହେଉ ନଥିଲେ । ବଙ୍ଗଳା ୩୮୦ ଖଣ୍ଡ ପୁସ୍ତକ ୩ ମାସ ଭିତରେ ପ୍ରକାଶ ପାଇଥିଲା । ସେତେବେଳେ ଓଡ଼ିଆ ଭାଷାରେ ସେହି ସମୟରେ ମାତ୍ର ୩ କି ୪ ଖଣ୍ଡ ପୁସ୍ତକ ରଚିତ ହୋଇଥିଲା । ଅଧିକ ପରିମାଣରେ ପୁସ୍ତକ ଗୁଡ଼ିକ ଓଡ଼ିଆ ଭାଷାରେ ପ୍ରକାଶ ପାଇ ପାରିବ ନାହିଁ ବୋଲି ସରକାରୀ ସ୍ତରରେ ଉଦ୍ୟମ କରାଯାଇଥିଲା । ଏହା ବଙ୍ଗାଳୀ ସରକାରୀ କର୍ମଚାରୀମାନଙ୍କର ଏକ ଷଡ଼ଯନ୍ତ୍ର ଥିଲା ।

ଓଡ଼ିଆ ଭାଷା ଆନ୍ଦୋଳନ ଓ ଭାଷା ସୁରକ୍ଷା କ୍ଷେତ୍ରରେ ସେ କାଳର ଓଡ଼ିଶା ପ୍ରବାସୀ ଭାଷା ତତ୍ତ୍ୱବିତ୍ତ ପ୍ରଶାସକ ବିମ୍ ସ ସାହେବ ଓଡ଼ିଆ ଭାଷା ସପକ୍ଷରେ ପ୍ରବଳ ଯୁକ୍ତି ଉପସ୍ଥାପନ କରିଥିଲେ। ସେ ନିଜେ କଲିକତା ଏସିଆଟିକ୍ ସୋସାଇଟୀ ବୈଠକରେ "(on the relation of the uriya to the other modern India languages )" ଶୀର୍ଷକ ଉପାଦେୟ ପ୍ରବନ୍ଧପାଠ କରି କାନ୍ତିଚନ୍ଦ୍ର ଏବଂ ରାଜେନ୍ଦ୍ର ଲାଲଙ୍କ ଯୁକ୍ତି ଖଣ୍ଡନ କରିଥିଲେ । ଆହୁରି ମଧ୍ୟ ବିମ୍ ସ ସାହେବ ତାଙ୍କର ଏଏଲ୍ ଏସିଆଟିକ୍ ସୋସାଇଟି ବେଙ୍ଗଲ ପତ୍ରିକାରେ ଲେଖିଥିଲେ - ଉଚ୍ଚକୋଟୀର ଲେଖା ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବାରେ ସହାୟକ ହୋଇଥିଲା । ତତ୍କାଳୀନ ଲେପ୍ଟନାଣ୍ଟ ଗଭର୍ଣ୍ଣର କାମ୍ବେଲ ସାହେବ ମଧ୍ୟ ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ଦୃଢ଼ ସମର୍ଥନ ଜଣାଇଥିଲେ । କମିଶନର ରେଭେନ୍ସା ସାହେବଙ୍କର ମଧ୍ୟ ଓଡ଼ିଆ ଭାଷା ପ୍ରତି ଶୁଭ ଦୃଷ୍ଟିଥିଲା । ତେଣୁ ଏହି ଚକ୍ରାନ୍ତକୁ ଓଡ଼ିଆ ଭାଷା ଆତ୍ମରକ୍ଷା କରିପାରିଥିଲା।

ଶିକ୍ଷା ବିଭାଗର ଡେପୁଟୀ ଇନ୍ସପେକ୍ଟର ଶିବ ଦାସ ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷା ଉଚ୍ଛେଦ ପାଇଁ କାର୍ଯ୍ୟ କରୁଥିବାରୁ ତାହାଙ୍କୁ ତୁରନ୍ତ ବଦଳି କରିଦେବା ପାଇଁ ବାଲେଶ୍ୱରର ମାନ୍ୟଗଣ୍ୟ ଲୋକେ ସରକାରଙ୍କ ନିକଟରେ ଆପତ୍ତି କରିଥିଲେ ବୋଲି ୨୬.୦୩.୧୮୭୦ ତାରିଖ ଉତ୍କଳ ଦୀପିକାରୁ ଜଣାଯାଏ । ତେଣୁ ବଙ୍ଗାଳୀମାନେ ଓଡ଼ିଆ ଭାଷା ବିଲୋପ ପାଇଁ ଓଡ଼ିଶାରେ ରହୁଥିବା ଉଚ୍ଚପଦସ୍ଥ ଅଫିସରଙ୍କ ଜରିଆରେ ଆଉ ଦରଖାସ୍ତ ନ ଦେବା ପାଇଁ ମନସ୍ଥ କରିଥିଲେ ଏବଂ ସିଧାସଳଖ କଲିକତାରେ ଥିବା ଲେଫ୍ଟନା ଗଭର୍ଣ୍ଣରଙ୍କୁ ଏହି ଦରଖାସ୍ତ ଦେବାପାଇଁ ସ୍ଥିର କରିଥିଲେ । କିନ୍ତୁ ଚକ୍ରାନ୍ତକାରୀ ବଙ୍ଗାଳୀମାନେ ଏଥିପାଇଁ ସଫଳ ନ ହୋଇ ବରଂ ବିଫଳ ହୋଇଥିଲେ । ଏହି ଉଦ୍ୟମକୁ ମଧ୍ୟ ଗୌରୀଶଙ୍କର ପଣ୍ଡା କରିବା ପାଇଁ ପଦକ୍ଷେପ ନେଇଥିଲେ ।

ଉତ୍କଳ ଦୀପିକା (୧୮୬୬) ସମ୍ବାଦବାହିକା (୧୮୬୮), ଉତ୍କଳ ଦର୍ପଣ (୧୮୭୫), ସମ୍ବଲପୁର ହିତୈଷିଣୀ (୧୮୮୯), ଉତ୍କଳ ମଧୁପ (୧୮୭୮), ଉତ୍କଳ ପ୍ରଭା (୧୮୯୧), ଉତ୍କଳ ସାହିତ୍ୟ (୧୮୯୭), ୫ ଜ୍ଞାନାରଣ, ପ୍ରବୋଧ ଚନ୍ଦ୍ରିକା, ସେବକ (୧୮୮୩), ବେବିଧାନ, ବ୍ରାହ୍ମ ପ୍ରଭାତୀତାର (୧୮୮୬), ଉତ୍କଳ ଶୁଭଙ୍କରୀ, ଧର୍ମ ବୋଧିନୀ (୧୮୭୪), କଟକ ଭଗବତ ଭକ୍ତ ପ୍ରଦାୟିନୀ, ପୁରୀର ଚନ୍ଦ୍ରିକା, ଓଡ଼ିଆ (୧୮୮୭), ଆଶା (୧୮୮୮), ଆଲୋଚନା (୧୯୦୦) ପ୍ରଭୃତି ଓଡ଼ିଆ ଭାଷା ଆନ୍ଦୋଳନ, ଓଡ଼ିଆ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ଅନେକ କାର୍ଯ୍ୟ କରିଥିଲେ । ତେବେ ଏହି ସମୟରେ ଓଡ଼ିଶାର ସମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଆନ୍ଦୋଳନରେ ସବୁଠାରୁ ଅଗ୍ରଣୀ ହୋଇଥିଲା । ଏତଦ୍ ବ୍ୟତୀତ ଜନ ସଚେତନତା, ରାଜନୈତିକ ଚେତନା, ଭାଷାଭିତ୍ତିକ ଚିନ୍ତା ଚେତନା ଜାଗରଣ କ୍ଷେତ୍ରରେ ସମ୍ବାଦପତ୍ର ଓ ପତ୍ର ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ।

ଓଡ଼ିଆ ଭାଷା ଆନ୍ଦୋଳନ ବା ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ପଛରେ ଗୌରୀଶଙ୍କର ରାୟ, ଜନବିମସ୍, ସର୍ଟନ ସାହେବ, ଭୂଦେବ ମୁଖୋପାଧ୍ୟାୟ, ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ, ଗଙ୍ଗାଧର ମେହେର, କବି ଶେଖର ଚିନ୍ତାମଣି ମହାନ୍ତି ଓ ରେଭେନ୍ସା ସାହେବ ପ୍ରମୁଖ ରହି ଏହାର ବ୍ୟର୍ଥତା ଦିଗରେ ଯେଭଳି ପଦକ୍ଷେପ ନେଇଥିଲେ, ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ସ୍ୱାଗତ ଯୋଗ୍ୟ । ଓଡ଼ିଆ ଭାଷା ଆନ୍ଦୋଳନ ଓ ଭାଷା ସାହିତ୍ୟ ଇତିହାସରେ ସମୋନଙ୍କର ଅବଦାନ ଯୁଗେ ଯୁଗେ ସ୍ମରଣୀୟ । ଓଡ଼ିଆ ଭାଷାର ସେହି କଳଙ୍କିତ ଅଧ୍ୟାୟ ଲୋପ ହୋଇ ଅନ୍ଧକାର ବଳୟ ଭିତରେ ଅଣନିଃଶ୍ୱାସୀ ହେଉଥିବା ଓଡ଼ିଆ ଭାଷାକୁ ମୁକ୍ତାଲୋକ ଦେବା ପାଇଁ ପ୍ରମୁଖ ମହାପୁରୁଷଙ୍କ ଉଦ୍ୟମ ଏବଂ ସେମାନଙ୍କ ଦ୍ୱାରା ପ୍ରକାଶିତ ସମ୍ବାଦପତ୍ର ଓ ପତ୍ରପତ୍ରିକା ଜରିଆରେ ଭାଷା ଆନ୍ଦୋଳନ ଓ ସୁରକ୍ଷା ଦିଗରେ ବହୁ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସେମାନଙ୍କ ଉଦ୍ୟମ ଓ ପତ୍ରପତ୍ରିକା ଜାତିର ଚିରନମସ୍ୟ । ତେଣୁ ଓଡ଼ିଆ ଭାଷା ଆନ୍ଦୋଳନ କ୍ଷେତ୍ରରେ ସମ୍ବାଦପତ୍ର ଓ ପତ୍ର ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି, ରହିବ ଓ ରହି ଚାଲିଥିବ ଏଥିରେ ସନ୍ଦେହ ଅବକାଶ ନାହିଁ।

## ସହାୟକ ଗ୍ରନ୍ଥସୂଚୀ


୧. ସାମନ୍ତ ରାୟ ନା। *ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)*। ୪ର୍ଥ ସଂକଳନ। ୨୦୧୯।

୨. ଦାଶ ନା। *ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ*। କଟକ: ଷ୍ଟୁଡେଣ୍ଟସ୍ ଷ୍ଟୋର; ୧୯୯୩।

୩. ମିଶ୍ର କୁ ପ୍ର। *ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ*। କଟକ: ବିଦ୍ୟାପୁରୀ; ୨୦୦୯।

୪. କର ବି। ସମ୍ପାଦକ। *ଉତ୍କଳ ସାହିତ୍ୟ*। ୧ମ ଭାଗ, ୧ମ ସଂଖ୍ୟା।

୫. ରାୟ ଗୌ। ସମ୍ପାଦକ। *ଉତ୍କଳ ଦୀପିକା*। ୫ମ ଭାଗ। ୧୮୭୦।

୬. ଦାସ ଗ ନା। *ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ*। କଟକ: କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର; ୧୯୯୩।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.



**About the Corresponding Author**



ଡଃ. ସୁଚିତ୍ରା ମହାନ୍ତି ଜଣେ ସୁପରିଚିତ ସାହିତ୍ୟିକା, କବି, ସମାଲୋଚିକା । ବକ୍ତା ଓ ଦକ୍ଷ ଶିକ୍ଷାବିତ୍ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଓ ଭାଷା ଆନ୍ଦୋଳନକୁ ନେଇ ତାଙ୍କର ଅନେକ ପ୍ରବନ୍ଧ ଓ ଆଲୋଚନାମାନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ। ସେ ବିଭିନ୍ନ ସମ୍ମାନରେ ମଧ୍ୟ ସମ୍ମାନିତ। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ସେ ସଦା ସର୍ବଦା ପ୍ରତିଶ୍ରୁତିବଦ୍ଧ।



© 2025 ଡଃ. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/